OFFICE OF THE TAHASILDAR NILGIRI

# ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

ନୋଟିସ ସଂଖ୍ୟା. 151 ତାରିଖ. 16/01/19

## ଲଘୁ ଖଣିଜ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାଇ ନୀଳଗିରି ତହସିଲ ଅର୍ନ୍ତଗତ.କାଠଗୋଛି ପଥର (ଖାଦାନ) ଉସ (ଲଘୁ ଖଣିଜ ଦ୍ରବ୍ୟ) କୁ 05 ବର୍ଷ ନିମନ୍ତେ ୨୦୧୯ -୨୦ ଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତେଣୁ ଆବେଦନକାରୀ ଫର୍ମ **'M'** ପୂରଣ କରି ୩ କପି ସହ ଏହି ତହସିଲର ପତ୍ର ସଂଖ୍ୟା 150 ଡା.16/01/19ରିଖରେ ଦିଆଯାଇଥିବା ସର୍ତାବଳି ମୁତାବକ ତା.17/01/19 ରିଖ ଠାରୁ ତା.31/01/19 ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଆବେଦନ କରିପାରିବେ । ଏ ସଂକ୍ରାନ୍ତୀୟ ସଂପୂର୍ଣ୍ଣ ସର୍ତାବଳି ବାଲେଶ୍ୱର ଜିଲ୍ଲା Web Site - baleswar.nic.in ରୁ ଏବଂ ତହସିଲ ନୋଟିସ ବୋର୍ଡରୁ ଜାଣିପାରିବେ ।

16/01/19

ତହସିଲଦାର, ନୀଳଗିରି

Tahasildar Nilgiri

# ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

**ପତ୍ର ସଂଖ୍ୟା.** 150 **/ ସଇରାତ** **ତାରିଖ.** 16/01/19

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ନିମନ୍ତେ ବିଜ୍ଞାପନ**

**(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାୟୀ)**

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ନୀଳଗିରି ତହସିଲ ଅର୍ନ୍ତଗତ ସୂଚିରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡିକୁ ଅନ୍ୟୁନ 5 ( ପାଞ୍ଚ) ବର୍ଷ ନିମନ୍ତେ (୨୦୧୯ -୨୦ ଠାରୁ ୨୦୨୩-୨୪ ପର୍ଯ୍ୟନ୍ତ) ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ପ୍ରକାଶ ଥାଉକି ଲିଜ୍‌ରେ ଅଂଶ ଗ୍ରହଣ ସକାଶ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁର ପରିଦର୍ଶନ , ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସୈରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟି ରହିବେ ନାହିଁ ।

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ବର୍ଣ୍ଣିତ ତିନିକିତା ଫର୍ମ **'M'** ପୂରଣ କରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫି ବାବଦକୁ ଟ. ୧,୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାନ୍ (Head of Account-0853-Non-Ferrous Mining And Metallurgical Industries-102-Mineral Concession Fees, Rents and Royalties), ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ (Minimum Guaranted Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର ( Solvency Certificate ) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୁତି (Bank Guarantee)Requisite Extent of Solvency/ Bank guarantee =**MGQ** X **(Offered Additional charge + Royalty ).**

୪. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର(Immovable property ) ସମ୍ପତି ତାଲିକା ।

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲ୍‌ଟିର ଶତକଡା ୫ ଭାଗ EMD (Earnest Money) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫଟ୍ ।

୬.   ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନିତ ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନରେ ଥିବା ସର୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲ୍‌ଟି ପରିମାଣର ଏକ ଚର୍ତୁଃଥାଂଶ (୧/୪) ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ । ଯଦି ନିର୍ବାଚିତ ଆବେଦନକାରୀ ୧୫ ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି, ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲ୍‌ଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲା ପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ ।

୭.   ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟି ମୂଲ୍ୟ ଅନୁଯାୟୀ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ (Minimum Guaranted Quantity) କିମ୍ବା ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତୋଳନ ପରିମାଣ ଯାହା ଅଧିକ ହେବ ସେହି ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜ୍‌ଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହାପରେ ଲିଜ୍‌ଧାରୀ ୭ (ସାତ) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଲିଜ୍ Agreement ବା ଚୁକ୍ତି (ରେଜିଷ୍ଟ୍ରେସନ୍ ଆକ୍ଟ - ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ । ଯଦି ନିୟୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜ୍‌ଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲ୍‌ଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପୈଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral Foundation ବାବଦକୁ ଶତକଡା ୧୦ ଭାଗ ଅର୍ଥ ଜମାକରିବାକୁ ପଡିବ ।

୮.   ଲିଜ୍‌ଧାରୀଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲ୍‌ଟି ଏବଂ ଅତିରିକ୍ତ ଦେୟ ସହିତ Dead Rent, compensatory Aforestation କ୍ଷତି ପୂରଣ ବନୀକରଣ ନିମନ୍ତେ ଫି ଏବଂ Surface Rent ଦାଖଲ କରିବାକୁ ପଡିବ । ଲିଜ୍‌ଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲ୍‌ଟି /Dead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ । ତେଣୁ ଲିଜ୍‌ଧାରୀଙ୍କୁ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲ୍‌ଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । ଯଦି ଲିଜ୍‌ଧାରୀ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତୋଳନ କରିବେ, ତେବେ ସେଥିପାଇଁ ଲିଜ୍‌ଧାରୀଙ୍କୁ ଅଧିକ ଉତୋଳନର ସମସ୍ତ ଦେୟ ତହସିଲଦାର, ନୀଳଗିରିଙ୍କ ଠାରେ ଦାଖଲ କରିବାକୁ ପଡିବ ।

୯.   ଲିଜଧାରୀ ପରିବେଶ ଜନିତ ଖର୍ଚ୍ଚର ମୂଲ୍ୟ **DFO, Balasore Wilife Division, Balasore** ଦ୍ୱାରା ସ୍ଥିରୀକୃତ ରାଶୀ ମୁତାବାକ ପ୍ରତ୍ୟେକ ବର୍ଷ ଆନୁପାତିକ ଭାବେ ଦାଖଲ କରିବେ । ମାନ୍ୟବର **Supreme Court** ଙ୍କ ଦ୍ୱାରା ସ୍ଥିରୀକୃତ ସର୍ତ୍ତାବଳୀକୁ ମାନିବାକୁ ବାଧ ।

୧୦.   ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଂଘନ କଲେ ଜମା ଦେଇଥିବା ସିକ୍ୟୁରିଟି ଜମା ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୧. ସର୍ବୋଚ୍ଚ ଲିଜଧାରୀ ବାର୍ଷିକ ନିଲାମର ମୂଲ୍ୟର ୨%(ଶତକଡା ଦୁଇ) ଆୟକର ବାବଦକୁ ପ୍ରତ୍ୟେକ ବର୍ଷ ଜମାକରିବେ ।

୧୨.ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାପାରେ ଆବେଦନ କରୁଥିବା ଉତ୍ସର ନାମ ଏବଂ ସଂଖ୍ୟା ଉଲ୍ଲେଖ କରି ରେଜଷ୍ଟ୍ରି ଡାକ ଯୋଗେ ଉକ୍ତ ଠିକଣାରେ(ଠିକଣା-ନୀଳଗିରୀ ତହସିଲ୍ କାର୍ଯ୍ୟାଳୟ, ନୀଳଗିରୀ, ସା/ପୋ-ନୀଳଗିରୀ, ଜିଲ୍ଲା-ବାଲେଶ୍ୱର ,ପିନ-୭୫୬୦୪୦)ରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ-ଦିଆ ଟେଣ୍ଡର ବାକ୍ସରେ ତା 17/01/-୨୦୧୯ ରିଖରୁ ତା-31/01/19 ରିଖ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘ ଅପରାହ୍ଣ ୫ ଘଟିକା ମଧ୍ୟରେ ଦାଖଲ କରିପାରିବେ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

୧୩. ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରାକ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମୁଖରେ ତା..01/02/19..ରିଖ ଦିବା ୧୧ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । । ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ(**Additional Charge)** ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇଥାନ୍ତି, ତେବେ ଲଟେରି ମାଧମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

୧୪- ମନୋନୀତ ଆବେଦନକାରୀ Mining Plan ତଥା Environmental management plan ବାବଦରେ ଖର୍ଚ୍ଚ ହୋଇଥିବା ଟ.୧,୬୫,୨୦୦ଙ୍କା ଦେବାକୁ ପଡିବ । ଉକ୍ତ Mining plan ଓ Environmental clearance ର ଅବଧି 3 ବର୍ଷ ପାଇଁ ବୈଧ ଅଛି ଏବଂ ତାପରେ ଲିଜଧାରୀ ଙ୍କୁ ପୁନଃ Mining plan ନେବାକୁ ପଡିବ । SEIAA Srcutiny fee Rs. 2000/- SEIAA BBSR ରେ deposit କରି money receipt ନେବାକୁ ହେବ ।

୧୫- ଆବଦନ କରିବା ପୂର୍ବରୁ ବେସରାକାରୀ ପ୍ଲଟ ମାନଙ୍କ ମାଲିକ ମାନଙ୍କ ପାଖରୁ ସମସ୍ତ ଆବେଦନକାରୀ ସହମତି (Consent) ଆଣିବା ଅନିବାର୍ଯ୍ୟ ଅଟେ ।

୧୬- ମନୋନୀତ ଆବେଦନକାରୀ Mining plan ରେ ଦର୍ଶାଇ ଥିବା ଗଭିର ଖାତ ହୋଇଥିବା ପଥର ଖାଦାନର ସ୍ଥାନ ଗୁଡିକ ମାଟି backfilling କରିବାକୁ ପଡିବ ଏବଂ Mining Plan/Environment plan ଅନୁସାରେ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା କରିବାକୁ ପଡିବ ।

୧୭. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ୍-୨୦୧୬ ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ)ଆଇନ୍-୨୦୧୭ ନିୟମାବଳି ପ୍ରକାରେ ସମସ୍ତ ଦେୟ ଜମାଦେଇ ଲିଜ ପାଇଁ ଚୁକ୍ତିପତ୍ର ସମ୍ପାଦନା କରିବାକୁ ହେବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବୋଚିତ ହୁଅନ୍ତି, ତା ହେଲେ ତା..02/02/19..ରିଖରୁ ତା..08/02/19.. ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଥୋମକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ

ଉପସ୍ଥିତିରେ ତା.11/02/19 ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଚୟନ କରାଯିବ । ସେହିପରି ଯଦି ଦ୍ୱିତୀୟଥର ମଧ୍ୟ ଉକ୍ତ ଉସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ଉକ୍ତ ଉସ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ପାଇଁ ତା-12/02/19 ରିଖ ରୁ ତା-16/02/19 ରିଖ ମଧ୍ୟରେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ତା-18/02/19 ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା ତୃଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହି ଅଛି ।

N.B.- ଖବର କାଗଜରେ ବିଜ୍ଞାପନ ନିମନ୍ତେ ସମସ୍ତ ଖର୍ଚ୍ଚ ଯୋଗ୍ୟ ବିବେଚିତ ହୋଇଥିବା ନିଲାମ ଧାରୀ ବହନ କରିବେ ।

(signature) 1/2/19
ତହସିଲଦାର, ନିଳଗିରୀ.
Tahasildar Nilgiri

# ନୀଳଗିରି ତହସିଲ ଅର୍ନ୍ତଗତ ସୈରାତ ଉତ୍ସର ତାଲିକା

| କ୍ର.ନଂ. | ସୈରାତ ନଂ | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା | ଜମିମାଲିକ | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ପଥର ଉଠାଇବାର ପରିମାଣ |
|---|---|---|---|---|---|---|---|---|---|---|
| 1 | 1 | କାଠଗୋଛି | କାଠଗୋଛି ପଥର ଖାଦାନ | **Private plot**<br>284 Rayat | 135<br>136<br>137<br>138 | Sd-II<br>SAJS-II<br>SAJS-II<br>SAJS-II | H0.1500<br>H0.1220<br>H0.1240<br>H0.1180 | ବାଞ୍ଛାନିଧି ସିଂ ଓ ଅନ୍ୟମାନେ ଜା –ତାମୁଲିଆ ଭୂମିଜ | Rs.130.00+6.50 | 52680Cum |
| | | | | 262 Rayat | 139<br>140<br>148<br>294 | SAJS-II<br>SAJS-II<br>SAJS-II<br>SAJS-II | H0.2900<br>H0.1220<br>H0.3400<br>H0.1550 | ବସନ୍ତ ମହାପାତ୍ର ଓ ଅନ୍ୟମାନେ ଜା –ବ୍ରାହ୍ମଣ | | |
| | | | | 264 Rayat | 147 | SAJS-II | H0.1100 | ଧୀରେନ୍ଦ୍ର ସିଂ ଓ ଅନ୍ୟମାନେ ଜା –ତାମୁଲିଆ ଭୂମିଜ | | |
| | | | | | | Total | H 1.531 | | | |
| | | | | Govt. plot/khata<br>572 | 295<br>296<br>306<br>736 | Patharbani<br>Patharbani<br>Patharbani<br>Patharbani | H0.1530<br>H0.0680<br>H0.1420<br>H8.7920 | Govt. plot/khata | | |
| | | | | | | Total | H9.155 | | | |
| | | | | | | G.Total | H10.686 | | | |

ତହସିଲଦାର, ନିଳଗିରୀ.
Tahasildar Nilgiri